

# ଅହ୍ୟ ଡେଙ୍ଗୁରା



ଇନ୍ଦ୍ରମଣି ଜେନା

ଜାମୁତୋଟା ଗାଁର ଅବସ୍ଥିତି ବେଶ୍ ମଫସଲରେ, ଗାଁଟିରେ ସତୁରି ଘର ଥିବ । ପାହାଡ଼ତଳରୁ ଆରମ୍ଭ ହୋଇଛି ଉପରସାହି, ତା ପରେ ତଳସାହି ଓ ଶେଷକୁ ପୋଖରୀ ଓ ବିଲ । ପୋଖରୀହୁଡ଼ାରେ କୁମ୍ଭାରସାହି ଓ ଅନତିଦୂରରେ ହରିଜନ ସାହି । ତଳସାହିର ଶେଷଘରଟି ସାଧୁ ମାର୍ଥାଙ୍କ ଘର । ସାଧୁ ମାର୍ଥାଙ୍କର ଆଟୁଘର, ଘର ଭିତରେ ଅଛି ଛୋଟିଆ ଅଗଣାଟିଏ, ଅଗଣା ବାହାରେ ଦକ୍ଷିଣ ଦିଗରେ ବଡ ବାରିଟିଏ, ବାରି ମୁଣ୍ଡରେ ବାଉଁଶ ଗଛର ଗୋଟିଏ ତୋଟା । ପୋଖରୀ ଆଡକୁ ଚାଲିଲେ ଡାକେ ବାଟରେ ପଡିବ ହରିଜନ ବସ୍ତି, କିଛି ବାଟ ପରେ ବାଁକୁ ଚାଲିଲେ ପୋଖରୀ । କିନ୍ତୁ ସିଧା ଚାଲିଲେ ଅନତି ଦୂରରେ ପାହାଡ଼ ପାଦଦେଶର ବୁଦୁବୁଦିଆ ଜଙ୍ଗଲ । ସେଇ ଜଙ୍ଗଲ ଭିତରେ ଅଛି ଗାଁର ମଶାଣି ।